## ପର୍ଯ୍ୟବେକ୍ଷକଙ୍କୁ ଭେଟିଲେ ଜିଲା ପରିଷଦ ଆଶାୟୀ ପ୍ରାର୍ଥୀ

ଆର.ଉଦୟଗିରି, (ଡି.ଏନ.ଏ.)-ମୋହନା ବ୍ଲକ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଏହି ବ୍ଲକ ଅତବା ଜିଲା ପରିଷଦ ଜୋନ ୮ରେ ରହିଛି। ଏହି ଜୋନରେ ୧୫ଟି ଗ୍ରାମ ପଞ୍ଚାୟତ ରହିଛି। ଅନେକ ଗ୍ରାମପଞ୍ଚାୟତ ଘାଟି ପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ଅତବା ଜିଲା ପରିଷଦ ଆସନରୁ ବିଜେଡି ପ୍ରାର୍ଥୀ ହେବାକୁ ଆଶା ରଖି ଅଞ୍ଚଳର ଉଚ୍ଚ ଶିକ୍ଷିତା ମହିଳା ବିଷ୍ଣୁପ୍ରିୟା ପରିଚ୍ଛା ନିଜ ସମର୍ଥକଙ୍କୁ ନେଇ ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ଭେଟି ଟିକେଟ ପାଇଁ ଅନୁରୋଧ କରିଛନ୍ତି। ସେ ହେଉଛନ୍ତି ପୁରୁଖା ରାଜନେତା ସ୍ୱର୍ଗତ ଥୋମାସ ମାଇକେଲଙ୍କ ନାତୁଣୀ। ବିଷ୍ଣୁପ୍ରିୟା ଦଳୀୟ ଟିକଟ ପାଇଲେ ଅଞ୍ଚଳର ଉନ୍ନତି ହେବ ବୋଲି ତାଙ୍କ ସମର୍ଥକମାନେ ଉକ୍ତ କର୍ମକର୍ତ୍ତାଙ୍କ ଠାରେ ଦାବି କରିଛନ୍ତି।

# ଗଞ୍ଜାମ ଜିଲାରେ ୧୦୪ ଆଶ୍ରୟସ୍ଥଳ ପ୍ରସ୍ତୁତ

■ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ବୈଠକ
■ହେଡ୍‌କ୍ୱାର୍ଟର୍ସ ଛାଡିବେନି ଅଧିକାରୀ

ଛତ୍ରପୁର,୨।୧୨(ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟାକୁ ନେଇ ଗୁରୁବାର ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ସମୁଦ୍ର ତଟବର୍ତ୍ତୀ ଓ ନଦୀକୂଳିଆ ଅଞ୍ଚଳର ବ୍ଲକ ପ୍ରଶାସନ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ରହୁଥିବା ଯୋଗୁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀ ନ ଯିବା ଓ ସମୁଦ୍ରକୁ ଯାଇଥିଲେ କୂଳକୁ ଫେରି ଆସିବାକୁ କୁହାଯାଇଛି । ଜିଲାରେ ୧୦୪ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଆଶ୍ରୟସ୍ଥଳରେ ବିଦ୍ୟୁତ, ପାନୀୟ ଜଳ, ଶୌଚାଳୟ ପରିଷ୍କାର ରଖିବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ପରିସ୍ଥିତିକୁ ନଜରକୁ ନେଇ ତଳି ଅଞ୍ଚଳ ଓ କଚ୍ଚା ଘରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବ । ଆବଶ୍ୟକ ପଡିଲେ ଗର୍ଭବତୀ, ଶିଶୁ ଓ ବୃଦ୍ଧମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନାନ୍ତର କରାଯିବ । ଏହା ସହିତ ଜିଲାରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବ। ସରକାରୀ କର୍ମଚାରୀମାନେ ହେଡକ୍ୱାର୍ଟର ନ ଛାଡିବାକୁ ଜିଲାପାଳ କହିଛନ୍ତି। ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ସଜାଗ ରହିବାକୁ ମଧ୍ୟ କୁହାଯାଇଛି। ଧାନ ଫସଲ ଯେପରି ଅଧିକ ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦେବା ଓ କଟା ଯାଇଥିବା ଧାନକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ପ୍ରଶାସନ ବିକଳ୍ପ ବ୍ୟବସ୍ଥା କରିବାକୁ କୁହା ଯାଇଛି। ସେହିପରି ଗୃହ ପାଳିତ ପ୍ରାଣୀଙ୍କ ଉପରେ ଧ୍ୟାନ ଦେବାକୁ ପ୍ରାଣୀ ସମ୍ପଦ ବିଭାଗ ସଜାଗ ରହିବାକୁ ଜିଲାପାଳ କହିଛନ୍ତି। ଅପରପକ୍ଷରେ ଚାଷୀଙ୍କୁ ବାତ୍ୟା ଭୟ ଲାଗି ରହିଛି। ବର୍ଷା ଅଧିକ ହେବା ନେଇ ପ୍ରଶାସନ ଜଣାଇବା ପରେ ଚାଷୀକୂଳ ନାନା ଆଶଙ୍କାରେ ରହିଛି। ଧାନକୁ ସୁରକ୍ଷିତ ସ୍ଥାନକୁ ନେବା ଲାଗି ତତ୍ପର ହୋଇଛନ୍ତି। ଏପରିକି ଅନେକ ସ୍ଥାନରେ କଞ୍ଚା ଧାନ ମଧ୍ୟ କାଟିବାକୁ ଚାଷୀମାନେ ବାଧ୍ୟ ହେଉଛନ୍ତି । ଛତ୍ରପୁର ବ୍ଲକ ପୋଡ଼ପଦର ଅଞ୍ଚଳରେ ଏପରି ଦେଖାଯାଇଛି। ବୈଠକରେ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଓ ପ୍ରିୟରଞ୍ଜନ ପୃଷ୍ଟି, ଡୁଡା ପିଡି ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲାପାଳ ନୀଳ ମାଧବ ଭୋଇ, ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଜିଲା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଆଭାସୀ ମାଧମରେ ଯୋଡି ହୋଇଥିଲେ।



କଞ୍ଚା ଧାନକୁ ଅମଳ କରାଯାଉଛି।

## ଆଜିଠୁ ବେଳାଭୂମି ମନା

ଗୋପାଳପୁର,(ଡି.ଏନ.ଏ.)

ବାତ୍ୟା ଜୱାଦ ପାଇଁ ଶୁକ୍ରବାର ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ମଧ୍ୟରାତ୍ରରୁ ଘଣ୍ଟା ପ୍ରତି ୪୫ରୁ ୫୫ କିମି ବେଗ ବହିବ। ବେଳେବେଳେ ୬୫ କିମି ବେଗରେ ମଧ୍ୟ ପବନ ବହିବ। ଶନିବାର ରେଡୱାର୍ଣ୍ଣିଂ ସହ ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିବ। ବାତ୍ୟା ସ୍ଥଳଭାଗ ଛୁଇଁଲା ବେଳେ ପବନର ବେଗ ୭୦ରୁ ୮୦ କିମି ରହିବ । ବେଳେବେଳେ ୯୦ କିମି ପବନର ବେଗ ରହିବା ସମ୍ଭାବନା ରହିଛି ବୋଲି ଗୋପାଳପୁର ପାଣିପାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଠାରୁ ଗୋପାଳପୁର ବେଳାଭୂମିକୁ ଦର୍ଶକଙ୍କୁ ବାରଣ କରାଯାଇଥିବା ଗୋପାଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର କୁଜୁର କହିଛନ୍ତି।

## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ, ହୋଟେଲ ସିଲ୍

ଗୋପାଳପୁର,୨।୧୨(ଡି.ଏନ.ଏ.)
ଗୋପାଳପୁର ବେଳାଭୂମିସ୍ଥିତ ଏକ ହୋଟେଲରେ ବୁଧବାର ରାତିରେ ବିବାହ ଭୋଜି ଚାଲିଥିବା ବେଳେ କୋଭିଡ ନିୟମ ଉଲ୍ଲଂଘନ କରାଯାଇଥିବାରୁ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ହୋଟେଲକୁ ସିଲ କରାଯାଇଛି। ଏଥିସହ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଗୋପାଳପୁର କଂଗ୍ରେସର ପୂର୍ବତନ ବିଧାୟକଙ୍କ ସମ୍ପର୍କୀୟଙ୍କ ବିବାହ ଭୋଜି ଉକ୍ତ ହେଟେଲରେ ଚାଲିଥିଲା। ସେଠାରେ ସାମାଜିକ ଦୂରତା ରକ୍ଷା ହେଉ ନଥିବା ବେଳେ ମାସ୍କ ନ ପିନ୍ଧି ଲୋକେ ଭିଡ଼ ଜମାଇଥିଲେ। ସେ ସମୟରେ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କର୍ତ୍ତିୱାସନ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପ୍ରଭାକର କୁଜୁର ଆସିଥିବା ବେଳେ ଖବରପାଇ ଉକ୍ତ ହୋଟେଲ ଯାଇଥିଲେ। ସେଠାରେ କୋଭିଡ ନିୟମ ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ଭୋଜି ଆୟୋଜନକାରୀଙ୍କୁ ଏନଏସି ପକ୍ଷରୁ ତାଗିଦ୍ କରାଯିବା ସହ ଜରିମାନା ଏବଂ ବିନା ଅନୁମତିରେ ଡିଜେ ବଜାଉଥିବା ଲୋକଙ୍କୁ ମଧ ଜରିମାନା ପକାଯାଇଥିଲା।

### ବାତ୍ୟା, ଓମିକ୍ରନ ମୁକାବିଲା ପ୍ରସ୍ତୁତି ବୈଠକ

ଆସିକା,୨।୧୨(ଡି.ଏନ.ଏ.):କରୋନାର ନୂଆ ପ୍ରଜାତି 'ଓମିକ୍ରନ' ଓ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ମୁକାବିଲା ନିମନ୍ତେ ଗୁରୁବାର ଏନ୍ଏସି ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ସଞ୍ଜୟ୍ କୁମାର ସାମନ୍ତରାୟ, ବିଭିନ୍ନ ୱାର୍ଡର କୋଭିଡ ମନିଟର, ଅଙ୍ଗନୱାଡି ଓ ଆଶାକର୍ମୀ ଯୋଗ ଦେଇଥିଲେ । ଓମିକ୍ରନର ଭୟାବହତା ସମ୍ପର୍କରେ ଆଲୋଚନା କରାଯିବା ସହ ଜନସାଧାରଣ ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତା ରକ୍ଷା ପ୍ରତି ପୁଣି ଅଧିକ ସତର୍କ ରହିବା ଲାଗି ଆଲୋଚନା ହୋଇଥିଲା । ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଭୋଜିଭାତରେ ସର୍ବାଧିକ ୨୫୦ ଜଣଙ୍କ ସମାଗମ, ଶବ୍ଦ ସୃଷ୍ଟିକାରୀ ଜିନିଷର ବ୍ୟବହାର ଉପରେ ପୂର୍ବରୁ ତହସିଲଦାରଙ୍କ ଅନୁମତି ନେବା ଓ ଲୋକେ ଏହାକୁ କଡାକଡି ପାଳନ କରିବାକୁ ଆହ୍ୱାନ ଦିଆଯାଇଥିଲା ।

### ଜଳଭଣ୍ଡାରରୁ ଛଡ଼ାଗଲା ପାଣି

ଭଞ୍ଜନଗର,୨।୧୨(ଡି.ଏନ.ଏ):ସାମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭଞ୍ଜନଗର ଉପଖଣ୍ଡରେ ଥିବା ବିଭିନ୍ନ ଜଳଭଣ୍ଡାରରୁ କିଛି ପାଣି ଖାଲି କରାଯାଉଛି। ଜଳଭଣ୍ଡାର ଗୁଡ଼ିକରେ ସର୍ବନିମ୍ନ ୮୫ ପ୍ରତିଶତ ପାଣି ମହଜୁଦ୍ ରଖାଯାଇ ବଳକା ପାଣିକୁ କେନାଲ ମାଧ୍ୟମରେ ଛାଡ଼ିବା ପ୍ରକ୍ରିୟା ବୁଧବାର ସନ୍ଧ୍ୟାରୁ ଚାଲିଛି । ଡହ ଜଳଭଣ୍ଡାରରେ ବର୍ତ୍ତମାନ ୯୬ ପ୍ରତିଶତ ପାଣି ରହିଛି। ତାହାକୁ ୮୫ ପ୍ରତିଶତକୁ ଆଣିବା ପାଇଁ କେନାଲରେ ବଳକା ପାଣି ଛଡ଼ାଯାଉଛି । ସେହିଭଳି ଭଞ୍ଜନଗର ଜଳଭଣ୍ଡାରରୁ ମଧ୍ୟ ପାଣି ଛଡ଼ାଯାଉଛି । ଗତ ବର୍ଷାରେ ଚାଷୀମାନଙ୍କ ବ୍ୟାପକ ଧାନ ଫସଲ କ୍ଷତି ହୋଇଥିବା ବେଳେ ବର୍ତ୍ତମାନ ପୁଣି ୪ ତାରିଖରେ ବନ୍ୟା ଆଶଙ୍କା ରହିଛି । ଚାଷୀମାନେ ଜମିରୁ ଧାନ କାଟି ଆଣିବା ପାଇଁ ଚେଷ୍ଟା ଚଳାଇଛନ୍ତି । କିନ୍ତୁ ଶ୍ରମିକ ଅଭାବ ଯୋଗୁ ଚାଷୀମାନେ ଜମିରୁ ଧାନ ଉଠାଇ ପାରୁନାହାନ୍ତି ।

### ୪୦ ଏକର ଗଞ୍ଜେଇ ଚାଷ ନଷ୍ଟ

ସୋରଡ଼ା,୨।୧୨(ଡି.ଏନ.ଏ.):ବଡ଼ଗଡ଼ ଥାନା ସାଆବା ପଞ୍ଚାୟତ ଖାରିପଲ୍ଲୀ ଓ ଅର୍ଜୁନପଲ୍ଲୀ ଅଞ୍ଚଳର ପ୍ରାୟ ୪୦ ଏକର ଜମିରୁ ଅବକାରୀ ଓ ପୋଲିସ ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି। ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।ଅବକାରୀ, ବନ ବିଭାଗ, ପୋଲିସ, ଗୁଇନ୍ଦା ସଂସ୍ଥା, ସ୍ଥାନୀୟ ତହସିଲଦାରଙ୍କ ସମେତ ପ୍ରାୟ ୩୦୦ କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ଗଞ୍ଜେଇ ଗଛଗୁଡିକୁ କାଟି ପୋଡି ଦିଆଯାଇଥିବା ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ କହିଛନ୍ତି।

### ଆମ ପୋଲିସ ସମିତି ବୈଠକ

ଭଞ୍ଜନଗର,୨।୧୨(ଡି.ଏନ.ଏ):ତାରସିଂ ପୋଲିସ ପକ୍ଷରୁ ଲେମ୍ବେଇରେ ଆମ ପୋଲିସ ସମିତି ବୈଠକ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ଦାସ ଅଧକ୍ଷତା କରି ନାବାଳିକା ବିବାହ, ଘରୋଇ ହିଂସା ରୋକିବା, ଅନ୍ଧବିଶ୍ୱାସ, ଗୁଣି ଗାରେଡ଼ି, ଅନ୍‌ଲାଇନ ଠକେଇ ଆଦି ବିଷୟରେ ଲୋକଙ୍କୁ ବୁଝାଇଥିଲେ। ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଏବଂ ନୂତନ ମୋଟର ଯାନ ଆଇନକୁ ସମସ୍ତେ କଡ଼ାକଡ଼ି ଭାବେ ମାନିବାକୁ ଏଏସ୍‌ଆଇ ବସନ୍ତ ମିଶ୍ର, ସରପଞ୍ଚ ହରିବନ୍ଧୁ ପ୍ରଧାନ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ ।

## ଗଜପତି ଜିଲା ପ୍ରଶାସନର ତତ୍ପରତା

ପାରଳାଖେମୁଣ୍ଡି,୨।୧୨(ଡି.ଏନ.ଏ.)
ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ଛୁଟି ଏବଂ ସରକାରୀ ଛୁଟି ବାତିଲ କରାଯାଇଛି। ଏଥିସହ ସମସ୍ତ କର୍ମଚାରୀ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବାତ୍ୟା ମୁକାବିଲା ସମ୍ପର୍କିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଥିବା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତି ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧଙ୍କୁ ସ୍ଥାନାନ୍ତରିତ କରାଯିବ। ଏହା ସହିତ ଜିଲାରେ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲାଯିବ। ଧାନ ଫସଲ ଯେଭଳି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି।

## ଜୱାଦ ବାତ୍ୟା ନେଇ ପ୍ରସ୍ତୁତି ବୈଠକ

ଗୋଷାଣୀ/କାଶୀନଗର(ଡି.ଏନ୍.ଏ.), ୨।୧୨
ଗଜପତି ଜିଲା ପାରଳାଖେମୁଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ (ଗୋଷାଣୀ) ପରିସରରେ ଜୱାଦ ବାତ୍ୟା ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅଧ୍ୟକ୍ଷତା କରିଥିଲେ। ବ୍ଲକସ୍ତରୀୟ ଏବଂ ଗ୍ରାମପଞ୍ଚାୟତ ଅଧିକାରୀ ତଥା ଗୁରାଣ୍ଡି ଥାନା, ଗାରାବନ୍ଧ ଅଧିକାରୀ ଓ ଗୁରାଣ୍ଡି ମେଡିକାଲ ଅଧିକାରୀ ବୈଠକରେ ଯୋଗଦେଇ ବାତ୍ୟା ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ। ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ଆଲୋଚନା ହୋଇଥିଲା। ସବୁ ପଞ୍ଚାୟତରେ ଚାଉଳ, ଗୁଡ଼, ମହମବତୀ ମହଜୁଦ ରଖିବାକୁ ପଞ୍ଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଗଜପତି ଜିଲା ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା କାଶୀନଗର ବ୍ଲକରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଲୋକଙ୍କୁ ସୁରକ୍ଷିତ ରଖାଯିବ, ଖାଦ୍ୟ ବ୍ୟବସ୍ଥା କରାଯିବା ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ତହସିଲଦାର ସୀମାଞ୍ଚଳ ମହାନ୍ତିଙ୍କ ଦ୍ୱାରା ଆହୁତ ବୈଠକରେ ବିଡିଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ଓ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ। ବିପଦରେ ଥିବା ନଦୀ ତଟ ଗ୍ରାମବାସୀଙ୍କୁ ଆଶ୍ରୟସ୍ଥଳରେ ରଖି ରନ୍ଧା ଖାଦ୍ୟ ଦିଆଯିବ। ବଡ଼ଧରଣର ବର୍ଷା ସମ୍ଭାବନା ଥିବାରୁ କାଶୀନଗରରେ ବଂଶଧାରା ନଦୀ ପ୍ରବାହିତ ହେଉଥିବା ଯୋଗୁ ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି।

# ଫୁଲବାଣୀରେ ଗୁଞ୍ଜରଣ ଶୋଭାଯାତ୍ରା

ଫୁଲବାଣୀ ଅଫିସ, ୨।୧୨

ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀଠାରୁ ମାଲକାନଗିରିରୁ ଆରମ୍ଭ ହୋଇଥିବା କୋଭିଡ୍ ପରବର୍ତ୍ତୀ ସଚେତନତା ଗୁଞ୍ଜରଣ ଯାତ୍ରା ଫୁଲବାଣୀରେ ପହଞ୍ଚିଛି। ମହିଳା ଜୀବୀକା ସୁରକ୍ଷା ମଞ୍ଚ ଓ ଜୀବୀକା ସୁରକ୍ଷା ମଞ୍ଚ ନେତୃତ୍ୱରେ ଏହି ଶୋଭାଯାତ୍ରା ସ୍ଥାନୀୟ ପଞ୍ଚାୟତ ଭବନ କାର୍ଯ୍ୟାଳୟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିଭିନ୍ନ ଦାବି ସମ୍ବଳିତ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦୀର୍ଘ ୨୧ ମାସ ଧରି ବିଦଦ୍ୟାଳୟ ବନ୍ଦ ଥିବା ଫଳରେ ବିଦ୍ୟାଳୟରେ ପ୍ରଶିକ୍ଷଣ ବ୍ୟବସ୍ଥାର ଭିତ୍ତିଭୂମି ସୁଧାରିବା ପାଇଁ ସରକାରଙ୍କୁ ଦାବିପତ୍ର ଦେବା ସହ ପିଲାମାନଙ୍କର ଶିକ୍ଷା ଓ ମାନସିକ ସ୍ଥିତି ଉପରେ ଜଣାଇବା, ବିଦ୍ୟାଳୟ ଖୋଲିଲା ପରେ ପିଲାମାନେ କିପରି ବିଦ୍ୟାଳୟକୁ ଆସି ପାଠ ପଢ଼ିବେ ସେ ଦିଗରେ ଅଭିଭାବକ ଏବଂ ଗ୍ରାମବାସୀଙ୍କୁ ସଚେତନ କରିବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ । ଶୋଭାଯାତ୍ରା ଫୁଲବାଣୀରୁ ଫରିଙ୍ଗିଆ ଅଭିମୁଖେ ଯାତ୍ରା କରିଥିଲା । ଜୀବୀକା ସୁରକ୍ଷା ମଞ୍ଚ ଜିଲା ସଭାପତି ଦୁର୍ବାସା ସେଠୀ, କାର୍ଯ୍ୟକ୍ରମ ପରିଚାଳକ ମାନସୌରଭ ବେହେରା, ଓଡିଶା ଶ୍ରମଜୀବୀ ମଞ୍ଚ ଆବାହକ ଅଞ୍ଜନ ପ୍ରଧାନ, ସଂଗଠନ କାର୍ଯ୍ୟକର୍ତ୍ତା ହରିଶ୍ଚନ୍ଦ୍ର ଦଳବେହେରା, ସଞ୍ଜୀବ ଦିଗାଳ, ଭ୍ରମରବର ବାରିକ, ଭାରତୀ ରାଓ, ସସ୍ମିତା ମଳିକ, ଉଷାରାଣୀ ଦଣ୍ଡସେନା, ସୁଶୀଳା ବେହେରାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ହୋଇଥିଲା ।



ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

# ୫ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

## ଖବରଦାତାଙ୍କ ଆରଟି-ପିସିଆର୍ ରିପୋର୍ଟ ବାଧ୍ୟତାମୂଳକ

ଛତ୍ରପୁର,୨।୧୨(ଡି.ଏନ.ଏ.)
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୫ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ସରକାରୀ ଯୋଜନାର ଶୁଭାରମ୍ଭ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ମା' ତାରାତାରିଣୀଙ୍କ ପୀଠ ନିକଟ ଏବଂ ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେବୋଲି ସ୍ଥିର ହୋଇଛି। ଏହି ସ୍ଥାନଗୁଡିକରେ ଯେଉଁ ଖବରଦାତାମାନେ ନିଜ କାର୍ଯ୍ୟ ସମ୍ପାଦନ ଯଥା ଫଟୋଚିତ୍ର ଉତ୍ତୋଳନ, ଭିଡିଓ ଏବଂ ଖବର ସଂଗ୍ରହ କାର୍ଯ୍ୟ କରିବେ, ସେମାନେ ୩ ତାରିଖରେ ଆର୍‌ଟି-ପିସିଆର୍. ପରୀକ୍ଷା କରାଇ ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। କୋଭିଡ ପରୀକ୍ଷାର ପ୍ରମାଣପତ୍ର ଉକ୍ତଦିନ କାର୍ଯ୍ୟକ୍ରମ ସ୍ଥଳର ପ୍ରବେଶ ପଥରେ ଦେଖାଇବା ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ ପ୍ରେସ ବାର୍ତ୍ତାରେ କୁହାଯାଇଛି ।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଶେରଗଡ,୨।୧୨(ଡି.ଏନ.ଏ.)
ଶେରଗଡ ବ୍ଲକ ଅନ୍ତର୍ଗତ ଠୁରୁବୁରାଇ ଗ୍ରାମରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗଜେନ୍ଦ୍ର ସେଠୀ ( ୬୦)। ଗଜେନ୍ଦ୍ର ନିଜ ଘରକୁ ଚାଲି ଯାଉଥିବା ବେଳେ ତାଙ୍କୁ ପଛପଟୁ ଆଙ୍କୋରଡାର ଜଣେ ବାଇକ୍ ଆରୋହୀ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଗଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଶେରଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଥିଲା। ଏ ନେଇ ନଂ. ୨୬୦/୨୧ରେ ମାମଲା ରୁଜୁ କରାଯାଇଛି। ବାଇକ୍ ଆରୋହୀଙ୍କୁ ପୋଲିସ ଅଟକ ରଖି ବାଇକ୍‌କୁ ଜବତ କରିଛି।

## ପୂର୍ବ ଶତ୍ରୁତାରୁ କାତିରେ ଆକ୍ରମଣ

ପାରଳାଖେମୁଣ୍ଡି,୨।୧୨(ଡି.ଏନ.ଏ.)
ରାୟଗଡା ବ୍ଲକ ଗଣ୍ଡହାତୀ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତିଙ୍କୁ କାତିରେ ଆକ୍ରମଣ କରାଯାଇଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ଦଳେଇ। ଆହତ ପୂର୍ଣ୍ଣଚନ୍ଦ୍ରଙ୍କୁ ପ୍ରଥମେ ଗାରବନ୍ଧ ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାରବନ୍ଧ ଥାନାରେ ନଂ.୯୬/୨୧ରେ ଏକ ମାମଲା ରୁଜୁ ହୋଇଛି।

ବିବାହରେ ଯୋଗଦେବାକୁ ଆବଶ୍ୟକ କୋଭିଡ ରିପୋର୍ଟ

# ଘରେ ରହି ନୂଆବର୍ଷ ପାଳନ୍ତୁ : ଜିଲାପାଳ

## ଅକ୍ସିଜେନ ରହିତ ବେଡ୍ ପ୍ରସ୍ତୁତ ନିର୍ଦ୍ଦେଶ

ଛତ୍ରପୁର,୨।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ କୋଭିଡ୍ ପରିଚାଳନା ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍‌ରେ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କୋଭିଡ୍ ନିୟମର ଠିକ୍ ଅନୁପାଳନ କରି ଜନଜୀବନକୁ ସୁରକ୍ଷିତ ରଖିବା ନେଇ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ସମସ୍ତ କାର୍ଯ୍ୟାଳୟରେ ଠିକ ବ୍ୟବହାର ଏବଂ ସାନିଟାଇଜେସନ୍ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ଡିସେମ୍ବରେ ବିବାହ ନିମନ୍ତେ ୨୫୦ ଜଣଙ୍କୁ ଅନୁମତି ଦିଆଯାଇଛି । ଉକ୍ତ ସମସ୍ତ ୨୫୦ ଜଣ କୋଭିଡ୍ ଟେଷ୍ଟ କରି ରିପୋର୍ଟ ପାଖରେ ରଖିବେ। ବିବାହ ଉତ୍ସବରେ ସ୍ଥାନୀୟ ବନ୍ଧୁବାନ୍ଧବଙ୍କୁ ଆମନ୍ତ୍ରଣ କରନ୍ତୁ କିନ୍ତୁ ବାହାର ଜିଲ୍ଲାରୁ ବନ୍ଧୁବାନ୍ଧବ ଡାକନ୍ତୁ ନାହିଁ । ଏବେ ରାତି ୧୦ଟା ପରେ ମଧ୍ୟ ଡିଜେ ବଜାଯାଇ ବିବାହ ଶୋଭାଯାତ୍ରା ଯାଉଛି । ତହସିଲଦାରମାନଙ୍କୁ କ୍ଷମତା ଦିଆଯାଇଛି, ସେମାନେ ବିବାହ ଉତ୍ସବରେ ପ୍ରଦତ୍ତ ନିୟମ ଅନୁପାଳନ ହେଉଛି ନା ନାହିଁ ତାହା ତଦାରଖ କରିବେ । ସମସ୍ତ ଡିଜେ ମାଲିକ ମାନଙ୍କୁ ନେଇ ବୈଠକ କରି ଏସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ଧାର୍ଯ୍ୟ କରାଯାଇଥିବା ଶବ୍ଦର ପରିମାଣକୁ ସୀମିତ ରଖିବେ। ରାତ୍ର ୧୦ଟା ପରେ ଡିଜେ ବାଜିବନି। ଉପଜିଲାପାଳ, ତହସିଲଦାରମାନେ ନିଜ ସ୍ତରରେ ବୈଠକକରି ଜନଗହଳି ପୂର୍ଣ୍ଣକୁ ସୀମିତ କରାଇବାକୁ କୁହାଯାଇଛି । ମୋ ୱାର୍ଡ ବୈଠକ କରି ସଚେତନତା କାର୍ଯ୍ୟ ବ୍ୟାପକ କରିବେ । ଚିକିତ୍ସାଳୟ ମାନଙ୍କରେ ଅକ୍ସିଜେନ ରହିତ ବେଡ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନୂଆ ବର୍ଷକୁ ଆଗମନ କରିବା ସକାଶେ ଜନ ସାଧାରଣ ବାହାରକୁ ଯାଆନ୍ତୁ ନାହିଁ, ଗହଳିକୁ ନ ଯିବାକୁ । ନିଜ ଗୃହରେ ରହି ନବବର୍ଷ ଉତ୍ସବ ପାଳନ କରନ୍ତୁ । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍, ପ୍ରିୟ ରଞ୍ଜନ ପୃଷ୍ଟି, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ ମିଶ୍ର, ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗାଡ଼ିମାଲିକ

## କୋଭିଡ୍ କାର୍ଯ୍ୟର ଭଡ଼ା ମିଳିଲାନି


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗାଡି ମାଲିକମାନେ ।

ପାରଳାଖେମୁଣ୍ଡି,୨।୧୨(ଡି.ଏନ.ଏ.)

କୋଭିଡ୍ ଦ୍ୱିତୀୟ ଲହର ସମୟରେ ଆମ୍ବୁଲାନ୍ସ ସେବା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ଘରୋଇ ଗାଡି ବ୍ୟବହାର କରାଯାଇଥିଲା। ହେଲେ ଏ ଯାଏ ଗାଡ଼ି ମାଲିକମାନଙ୍କୁ ଗାଡିଭଡ଼ା ମିଳିନାହିଁ । ଗଜପତି ଜିଲାରେ ୨୭ଟି ଗାଡିକୁ ଗତ ଏପ୍ରିଲ ମାସରେ ପରିବହନ ବିଭାଗ ପକ୍ଷରୁ ରିକ୍ୟୁସନ କରାଯାଇ କୋଭିଡ କାର୍ଯ୍ୟରେ ଲଗାଯାଇଥିଲା। ଗାଡିଗୁଡିକ ୫ ମାସ ପର୍ଯ୍ୟନ୍ତ ବ୍ୟବହାର କରାଯାଇଥିଲେ ମଧ୍ୟ ଭଡା ଦିଆଗଲାନାହିଁ । ଭଡା ପାଇଁ ଗଲେ ଗାଡି ମାଲିକମାନଙ୍କୁ ପରିବହନ ବିଭାଗ ଜରୁରୀକାଳୀନ ଅଧିକାରୀଙ୍କ ନିକଟକୁ ପଠାଉଛନ୍ତି । ସେପଟେ ଜରୁରୀକାଳୀନ ଅଧିକାରୀ କୌଣସି ନଜର ଦେଉନଥିବା ଅଭିଯୋଗ କରିଛନ୍ତି ଗାଡି ମାଲିକମାନେ। ଶେଷରେ ବାଧ୍ୟ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୭ ଦିନ ମଧ୍ୟରେ ଭଡା ନ ମିଳିଲେ ଗାଡି ଡ୍ରାଇଭର ଓ ମାଲିକ ସଂଘ ମିଳିତ ଭାବେ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

ଏ ନେଇ ଉପଜିଲାପାଳ ଦିଲୀପ କୁମାର ମହାରଣାଙ୍କୁ ଯୋଗାଯୋଗ କରିବାରୁ ଅତି ଶୀଘ୍ର ସେମାନଙ୍କ ଭଡ଼ା ଦିଆଯିବ ବୋଲି ସୂଚନା ଦେଇଛନ୍ତି।

ଜିଲାପାଳଙ୍କ ପୋତାଗଡ଼ ପରିଦର୍ଶନ

# ବିଶ୍ରାମାଗାର, ଶୌଚାଳୟ ଉପରେ ଗୁରୁତ୍ୱ


ପୋତାଗଡ଼ ପରିଦର୍ଶନ କରୁଛନ୍ତି ଜିଲାପାଳ ।

ଗଞ୍ଜାମ,୨।୧୨(ଡି.ଏନ.ଏ.)
ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଐତିହାସିକ ପୋତାଗଡ଼ ପରିଦର୍ଶନ କରିଥିଲେ। ଉପଜିଲାପାଳ ନୀଳମାଧବ ଭୋଇ, ବିଡିଓ ବିଶ୍ୱଜିତ୍ ରାୟ, ତହସିଲଦାର ଅରୁଣ କୁମାର ନାୟକ, ଏନ୍ଏସି ଇଓ ରୋନିତ କୁମାର, ଗ୍ରାସୀମ ଲୋକ ସମ୍ପର୍କ ସୂଚନା ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ 'ଗଞ୍ଜାମ ଦର୍ଶନ' ସିଟି ବସ୍ ଚଳାଚଳ କରିବାକୁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିପାଇଁ ଏହି ଐତିହାସିକ ପୋତାଗଡ଼ଠାରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିମନ୍ତେ ଜିଲାପାଳ ପ୍ରାଥମିକତା ଦେଇଛନ୍ତି।ଏଥିସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବୋଟିଂ କ୍ଲବ, ଶିଶୁ ଉଦ୍ୟାନ, ବରିଷ୍ଠ ନାଗରିକମାନଙ୍କ ପ୍ରାତଃ ଭ୍ରମଣ ପାଇଁ ସମସ୍ତ ସୁବିଧା, ଅତ୍ୟାଧୁନିକ ଆଲୋକୀକରଣ ଆଦି ନିର୍ମାଣ କାର୍ଯ୍ୟ ପାଇଁ ଖୁବ୍‌ଶୀଘ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ସେହି ଦାୟିତ୍ୱ ନିଜେ ଜିଲାପାଳ ନେବେ ବୋଲି ସୂଚନା ଦେଇଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ କାଳିଆ ସାହୁ ଗୁଡ଼ାବାସୀ

କାଶୀନଗର,୨।୧୨(ଡି.ଏନ.ଏ.)

କାଶୀନଗର ବ୍ଲକ ଶିଆଳି ଗ୍ରାମ ପଞ୍ଚାୟତର କାଳିଆ ସାହୁ ଗୁଡା ଗ୍ରାମ। ହରିପୁର ଗ୍ରାମଠାରୁ ମାତ୍ର ଦେଢ଼ କିମି ରାସ୍ତାରେ ଏହି ଗ୍ରାମ ଅବସ୍ଥିତ । ଗ୍ରାମରେ ବାସ କରନ୍ତି ବହୁ ଆଦିବାସୀ ଲୋକ। ସେହି ଗ୍ରାମକୁ ଯିବାକୁ ଠିକ୍ ରାସ୍ତାନାହିଁ। ଏକ ପୋଖରୀ ହୁଡ଼ାରେ ମାଟି ରାସ୍ତା ଖାଲ ଢ଼ିପରେ ପରିପୂର୍ଣ୍ଣ। ଅଳ୍ପ ବର୍ଷା ହେଲେ ଆଣ୍ଠୁଏ ଲେଖାଏ କାଦୁଅ, ଫଳରେ ଗ୍ରାମବାସୀ ଯିବା ଆସିବା ବେଳେ ଦୁର୍ଘଟଣା ଘଟିବା ସହ ବିପଦପୂର୍ଣ୍ଣ ରାସ୍ତାରେ ଯିବାକୁ ପଡୁଛି। ୨ ବର୍ଷ ହେଲା ସୋଲାର ଲାଇଟ ପଞ୍ଚାୟତ ତରଫରୁ ଲଗାଯାଇଥିଲେ ମଧ୍ୟ ଦୀର୍ଘ ଦିନ ହେଲା କାମ କରୁନି। ପିଇବା ପାଣି ପାଇଁ ଏକ ନଳକୂପରୁ ଦୂଷିତ ପାଣି ବାହାରୁଛି। ନିକଟରେ ଥିବା ଏକ କୂଅଁରୁ ଦୂଷିତ ପାଣି ପିଇ ଲୋକେ ନାନା ରୋଗରେ ପୀଡିତ ହେଉଛନ୍ତି। ଗ୍ରାମରେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟକୁ ନେବା ପାଇଁ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ପ୍ରତିବର୍ଷ ନିର୍ବାଚନ ଆସିଲେ ବହୁ ରାଜନେତା ଆସି କେବଳ ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ସରିଲା ପରେ କାହାର ଦେଖା ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ଜଣାଇଲେ ମଧ୍ୟ କେହି ଗୁହାରି ଶୁଣୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ନିର୍ବାଚନ ପୂର୍ବରୁ ରାସ୍ତା ଓ ପାଣିର ସମସ୍ୟା କାର୍ଯ୍ୟକାରି ନ ହୁଏ ତେବେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ କାଶୀନାଗର ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହିଲେ, ମୁଁ ବର୍ତ୍ତମାନ ନୂଆରେ ଦାୟିତ୍ୱ ନେଇଛି ଅଳ୍ପ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ସୂଚନା ଦେଇଛନ୍ତି।


କାଳିଆ ସାହୁ ଗୁଡା ଗ୍ରାମବାସୀ ।

## ପୁରୁଷୋତ୍ତମପୁରର ସବୁ ଘରକୁ ପାଇପ ପାଣି

ଛତ୍ରପୁର,୨।୧୨(ଡି.ଏନ.ଏ.)
ପୁରୁଷୋତ୍ତମପୁର ଏନ୍‌ଏସିର ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଣ ହୋଇଛି । ସମସ୍ତ ଘରକୁ ସୁରକ୍ଷିତ ପାଣି ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରହିଥିବା ସ୍ୱପ୍ନ ସାକାର ହୋଇଥିବା ଭଞ୍ଜନଗର ପିଏଚଡ଼ି ପକ୍ଷରୁ କୁହାଯାଇଛି। ଭଞ୍ଜନଗର ପିଏଚଡି ବିଭାଗ ପୁରୁଷୋତ୍ତମପୁରରେ ସମସ୍ତ ଘରକୁ ପାଣି ଯୋଗାଣ କରି ଶତପ୍ରତିଶତ ଟାର୍ଗେଟ ହାସଲ କରିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି । ଏ ନେଇ ବିଭାଗର ପ୍ରଶଂସା କରି ଜିଲାପାଳ ଗୁରୁବାର ଟୁଇଟ କରିଛନ୍ତି।

